# ବର୍ଷା

ବର୍ଷା ଗୋ ! ତୁମେ ତରୁଣ କବିର ଇର୍ଷା ଗୋ
ନବ କିଶଳୟେ ପଲ୍ଲବିତ ତୁମେ ବର୍ଷା ଗୋ
ଶୃଙ୍ଗାର ତୁମ ଆସିବା ପଥରେ ଭ୍ରମେ
ତୃଷାର୍ତ୍ତ ଚାତକ ପ୍ରିୟାର ଉରସେ ତୁମେ
ରଜା ପ୍ରଜା ସର୍ବେ ତନ୍ମୟେ ପ୍ରିୟାରେ ହେଜି
ବିରହୀ ବିଦେଶୀ ଗୃହ ତେଜେ ପ୍ରିୟା ଖୋଜି
ତାର ଅନ୍ତରେ ଜଗାଅ ପ୍ରେମ
ପ୍ରେମ ପରା ଏହି ଅନନ୍ତ ବିଶ୍ୱ ସୃଷ୍ଟିରେ ଅନୁପମ ।

ବର୍ଷା ଗୋ ତୁମେ ହାସ୍ୟ କବିର କାବ୍ୟ
ତୁମେ ମନ ଗହନର ସ୍ତୁତି ସାଇତା ଅର୍ଘ୍ୟ
ତୁମେ ବିରହୀ ବଧୂର ଅନ୍ତରଭରା କୋହ
ତୁମେ ନିର୍ଯ୍ୟାତନ ସାର ବିଦେଶୀ ପ୍ରିୟର ମୋହ
ତୁମ ସଂଦର୍ଶନେ ମୟୂର ତୋଳଇ ଲାସ୍ୟ
କେକୀ ପୁଚ୍ଛ ଟେକି ସ୍ନିଗ୍ଧେ ନଚାଏ ଆସ୍ୟ
ତୁମେ ସରମୀ ବଧୂର ହାସ୍ୟ
ହାସ୍ୟ ନୁହେଁ ତା ମରମ ତଳର ତନ୍ଦ୍ରିତ ମଧୁଲାସ୍ୟ ।

ନବ ମାସ ବହି ଗର୍ଭ ବେଦନା ଭାର
ଭାସ୍କର ଅଂଶୁ ଜନ୍ମଇ ସୁକୁମାର
ସାଗର ଉରସୁ ରସ ଆସ୍ୱାଦନ କରି
ପୃଥିବୀ ଅନ୍ତରେ ରସାୟନ ଦେଇ ଭରି
ନୀଳ ଗଗନରେ ଦୃପ୍ତ ନିଳୟ ସୃଜି
ଜୀବନ ବିନ୍ଦୁକୁ କୃଷ୍ଣ ବଳୟେ ସଜି

ଆହେ ନିମ୍ନଗା ଜଳଧର
ଉତପ୍ତ ପରାଣେ ଭରିଦିଅ ସତେ ପୀୟୂଷ ଶାଶ୍ୱତଧାର ।

ବର୍ଷା ଗୋ ତୁମେ ମୁଗ୍ଧ ମାନସେ ଆସ
କରବୀର ଅଙ୍ଗୁ ଚହଟାଇ ଦିଅ ବାସ
ମଘବାର ଚାପ ସପ୍ତରଂଗ ଚହଟାଇ
ହ୍ରାଦିନୀ ନିନାଦେ ପ୍ରିୟା ମୋ ଉଠଇ ଚେଇଁ
ତୁମେ ଘନ ବର୍ଷା ଗୋ ନିଦ୍ରାରେ ନେଇ ଆସ
ତନ୍ଦ୍ରିତା ପ୍ରିୟା ପ୍ରିୟର ଉରସେ ରଚଇ ମଧୁର ରାସ ।
ତୁମ ରଙ୍ଗେ ଆସିବା ଛବି
କବିର ମାନସେ ଜନମାଇ ଦିଏ ସୃଷ୍ଟି ଚିନ୍ତନ ହବି ।

ବର୍ଷା ଗୋ ତୁମେ ଘନ ପ୍ରାବୃଟ ଧାରା
ତୁମେ ଚିର ପ୍ରତୀକ୍ଷିତ ବିରହୀ ନୟନ କାରା
ଗାତ୍ରେ କ୍ଷଣପ୍ରଭା ତନ୍ଦ୍ରିତ ସ୍ଫୁରଣ ଦେଖି
ବାଳାଏ ଭିଡ଼ନ୍ତି କାନ୍ତ ତନୁକୁ ଲାଖି
ଅବଳାର ମନ ପଦ୍ମ ମୃଣାଳ ସରି
କଷ୍ଟେ ରହଇ ଘନ ବର୍ଷା ବିସ୍ମରି
ତୁମେ ସତେ ଆହେ ଘନ
ମହୀଧରେ ମଣ ପୃଥିବୀ ସ୍ତନ ସମାନ ।

ରସିକ ତୁ ଜଳଦ କହିବି କେତେ
ମେଦିନୀ କୁଚ ଜଘନେ ବିଶ୍ରାମୁ ସତେ
କାମିନୀ କୁଳ ନିଦ୍ରାଭୟ ସଂତେଜି
କାନ୍ତ ଆସିବାପଥେ ରହନ୍ତି ହେଜି
କହନ୍ତି ବାରିଦରେ ! ତୁ କେତେ ମନ୍ଦ
କାନ୍ତ ଆସିବା ପଥେ ପୁରାଉ ଦ୍ୱନ୍ଦ୍ୱ
କହ ହେ ଘନ
କେଉଁ ଯୁବତୀ ମନ ନୁହେଁ ଉଛନ୍ନ ।

ମୁଷଳ ଜଳଧାରା ପୂର୍ବ ଆଶାରେ
ବାସ, ବସନ, ଭୂମି ତିନ୍ତାଅ ଜଳେ
ବୃକ୍ଷ ପାଟଳ ସିନା ଉଠନ୍ତି ଚେଇଁ
ମାତ୍ର କମଳ ନିଦେ ଯାଅଇ ଶୋଇ
ଅଳପ ମନ ଧାରେ ଅଳପ ପ୍ରେମ
ଅତି ପ୍ରେମେ ମଜ୍ଜିଲେ ଲଭେ ବିଷମ
ପ୍ରାବୃଟ ଧାରା
କେବେ ସାରା ସଂସାର ବୁଡ଼ାଅ ପରା ।

□□□